## ଜୁଆଆଡ୍ଡାରେ ଚଢ଼ାଉ

ଛତ୍ରପୁର, (ସନ୍ତୋଷ ପାଢ଼ୀ) ଚମାଖଣ୍ଡି ଥାନା ଅନ୍ତର୍ଗତ କଣମଣା ଗ୍ରାମ କିଆ ବୁଦା ପାଖରେ ଅପରାହ୍ନ ସମୟରେ ଏକ ଜୁଆଆଡ୍ଡା ଚାଲି ଥିବା ବେଳେ ଚମାଖଣ୍ଡିଥାନା ପୋଲିସକୁ ଖବର ମିଳିଥିଲା। ଏହି ଖବର ପାଇ ଚମାଖଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି। ବେଳେକୁ ପ୍ରାୟ ୮ଜଣ ଜୁଆଡି ପୋଲିସକୁ ଦେଖି ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେମାନେ ଆଣି ଥିବା ୪ଟି ମୋଟର ସାଇକେଲ ୨ଟି ଦାମୀ ମୋବାଇଲ ଓ, ନଗଦ ୫୪ ହଜାର ଟଙ୍କା ପୋଲିସ ଜବତ କରିଥିଲେ।

**ସଂକ୍ଷେପରେ**

## ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ସିଡିଏମ୍ଓ

ଧରାକୋଟ,୫।୩ ( ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ବିଜୟ କୁମାର ପଣ୍ଡା ବୁଧବାର ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ବିଭିନ୍ନ ବିଭାଗ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ଏମ୍‌ଭିକେ ଅଶୋକ, ଡା.ନିବେଦିତା ସାହୁ, ଡା.ସୌମ୍ୟ ଶ୍ରୀକ୍ଷେତ୍ର ଗୌଡ଼, ଡା. ଚିନ୍ମୟ ସାହୁ, ଡା. ବିଦ୍ୟା ସାଗର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ, ପରିଷ୍କାର ପରିଚ୍ଛନ୍ନତା, ଓପିଡି ପରିଦର୍ଶନ, ନିଦାନ, ପରୀକ୍ଷାଗାର, ଜୈବ ଆବର୍ଜନା ପରିଚାଳନା ପରିଦର୍ଶନ ସହ ସମସ୍ତ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହ ରୋଗୀ ସେବାକୁ ପ୍ରାଧାନ୍ୟ ଦେବାପାଇଁ ପରାମର୍ଶ ଦେଇଥିଲେ।

## ଗୁଡ଼ିଆପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

କବିସୂର୍ଯ୍ୟନଗର, ୫।୩ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଗୁଡ଼ିଆପଲ୍ଲୀ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅବସରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ଦାସ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ବିଆରସିସି ରବିନାରାୟଣ ବେହେରା, ମୁଖ୍ୟବକ୍ତା ଏବିଇଓ ମାଧବ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ସିଆରସିସି ନୀଳମାଧ ହୋତା, ଗଣେଶ ପ୍ରସାଦ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଞ୍ଜନ ବେହେରା, ପ୍ରଣବ କିଶୋର ଯାନୀ, ଅବଦୁଲ କାଦିର ଖାଁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମନୋଜ କୁମାର ବେହେରା, ଉପାଧ୍ୟକ୍ଷା ଚାନ୍ଦିନୀ ସାହୁ ମଞ୍ଚାସୀନ ଥିଲେ। ଅତିଥିଗଣ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ପ୍ରମିଳା ନାୟକ, ଶିକ୍ଷକ ରମାକାନ୍ତ ଦାସ, ବାବୁ ବେହେରା ପରିଚାଳନାରେ ସହଯୋଗ କରିଥିଲେ। କୃତି ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ବେଲଗୁଣ୍ଠା,୫।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗାଙ୍ଗପୁର କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଦୁଇ ଦିନିଆ କର୍ମଶାଳାରେ ଅତିଥି ରୂପେ ବେଲଗୁଣ୍ଠା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ରାଣୀ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବରାମ ପ୍ରଧାନ, ବଡ଼ପଡ଼ା ସିଆର୍‌ସିସି ଅନନ୍ତ କୁମାର ସେଠୀ ଯୋଗଦେଇଥିଲେ। ଗାଙ୍ଗପୁର କ୍ଲଷ୍ଟର୍‌ର ସମସ୍ତ ବିଦ୍ୟାଳୟର ଏଫ୍‌ଏଲ୍‌ଏନ୍ ଶିକ୍ଷକ ଯୋଗ ଦେଇ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏଫ୍‌ଏଲ୍‌ଏନ୍ ଶିକ୍ଷକ ଦାଶରଥି ସେଠୀ, ଜଗନ୍ନାଥ ପାଇକ, ଝାପଲ ମାରାଣ୍ଡି, ଶିକ୍ଷୟିତ୍ରୀ ଆରତି ପାତ୍ର, ଦୀପା ପ୍ରଧାନ, ସୁନେଲୀ ସ୍ୱାଇଁ, ମାନସୀ ନାୟକ, ସାନୁଜା ନାୟକ, ଶୁଭଶ୍ରୀ ପଣ୍ଡା, ସିପ୍ରାସିନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## କୁଆଁନଳା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡ଼ା,୫।୩(କାଳିଚରଣ ଦାଶ)

ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଗୋଲିଆ କ୍ଲଷ୍ଟର ଅନ୍ତର୍ଗତ କୁଆଁନଳା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏମସି ସଭାପତି ସୁଶାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସିଆରସିସି ସୁନିତା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗୋଲିଆ ନୂଆଁସାହି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଶତପଥି, ହାଡଭଙ୍ଗା ସ୍କୁଲ ଶିକ୍ଷକ ଦାଶରଥି ବେହେରା, ତାଳସର ସ୍କୁଲ ଶିକ୍ଷକ ସନ୍ତୋଷ କୁମାର ପାଗଡ, କୁଆଁନଳା ଅଙ୍ଗନୱାଡି କର୍ମୀ ରୁନୁ ପୋଲେଇ ଓ ୱାର୍ଡ ମେମ୍ବର କବିତା ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମଧ୍ୟାହ୍ନ ଭୋଜନ ବନ୍ଦ, ରାଜରାସ୍ତାରେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ରାସ୍ତା ଅବରୋଧ କରିଛନ୍ତି।

ପୁରୁଷୋତ୍ତମପୁର,୫।୩ (ସିମାଞ୍ଚଳମିଶ୍ର)

ପୁରୁଷୋତ୍ତମପୁର ସହରର କୁମାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସରକାର ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେଉଥିବା ବେଳେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ହିନତାରୁ ପିଲାଏ ଖାଇବାରୁ ବଞ୍ଚିତ ହୋଇ ଭୋକରେ ରହିବାକୁ ପଡୁଛି। ମଧ୍ୟାହ୍ନ ଭୋଜନ ମିଳି ନ ଥିବା ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇ ଆସିକା-ହୁମା ମୁଖ୍ୟରାସ୍ତା ଉପରେ ଖରାରେ ବସି ରହିଥିଲେ। ଫଳରେ ଏକଘଣ୍ଟା ପର୍ଯ୍ୟନ୍ତ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଖବରପାଇ ପୁରୁଷୋତ୍ତମପୁର ପୋଲିସ ଓ ଏନ୍‌ଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଭାଜପା ନେତା ସୀତାରାମ ପାଣିଗ୍ରାହୀ, ଜଜ୍ଞନାରାୟଣ ଦାଶ, କାଉନସିଲର ଅଶୋକ କୁମାର ମହାକୁଡ, ଭାସ୍କର ବେହେରା ରଞ୍ଜନ ବେହେରା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପିଲାଙ୍କୁ ବୁଝାଶୁଝାକରି ସ୍କୁଲଭିତରକୁ ନେଇ ବ୍ଲକ୍ ଶିକ୍ଷା ବିଭାଗକୁ ଖବର ଦେଇଥିଲେ। ବିଇଓ କିଶୋର ଚନ୍ଦ୍ର ବେହେରା ଏବିଇଓ ରାଜକିଶୋର ସାହୁ ଓ ସିଆରସିସି ମନୋଜ କୁମାର ପଣ୍ଡା ପହଞ୍ଚି ପିଲାଙ୍କ ସହ ଆଲୋଚନା କରିଥିଲେ। ପିଲାଙ୍କ ଅଭିଯୋଗକୁ ନେଇ ଜନପ୍ରତିନିଧି ଓ ଅଧିକାରୀ ମାନେ ଶିକ୍ଷୟିତ୍ରୀଙ୍କୁ ଡକାଇ ବୁଝିଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲକୁ ବିଳମ୍ବରେ ଆସିଥିବା ବେଳେ ମଧ୍ୟାହ୍ନ ଭୋଜନ ଲାଗି ସାମଗ୍ରୀ ଦେଇ ନ ଥିବାରୁ ରୋଷେଇ ହୋଇପାରି ନ ଥିବା ଜଣାପଡ଼ିଥିଲା। ବିଦ୍ୟାଳୟରେ ଗତ କିଛିମାସହେଲା ବିବାଦିୟ ପରିସ୍ଥିତି ଲାଗିରହିଛି। ଏ ନେଇ ବ୍ଲକ୍ ଶିକ୍ଷାଅଧିକାରୀଙ୍କ କାର୍ଯାଳୟକୁ ଯାଇଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଇ ନ ଥିବା ଯୋଗୁ ଏଭଳି ପରସ୍ଥିତି ଉପୁଜିଛି ବୋଲି ଅଭିଭାବକ ମାନେ କହିଛନ୍ତି। ବ୍ଲକ୍ ଶିକ୍ଷାଅଧିକାରୀ କିଶୋର ଚନ୍ଦ୍ର ବେହେରା କହିଛନ୍ତି ଯେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କର ସମସ୍ତ ଦାୟିତ୍ୱ ସହକାରୀ ଶିକ୍ଷୟିତ୍ରୀଙ୍କୁ ହସ୍ତାନ୍ତର କରିନାହାନ୍ତି। ଏହି ଘଟଣାର ତଦନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାପାଳ ଓ ଶିକ୍ଷା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଦିଗରେ ଦୃଷ୍ଟି ଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଓ ଅଭିଭାବକ ମାନେ ଦାବି କରିଛନ୍ତି।

# ୮ରେ ରାଷ୍ଟ୍ରୀୟ ଲୋକ ଅଦାଲତ



ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

ଛତ୍ରପୁର,୫।୩(ଦିଲ୍ଲୀପ ସାମଲ):

ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଆସନ୍ତା ୮ ତାରିଖରେ ଛତ୍ରପୁର କୋର୍ଟ ପରିସରରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହାର ବ୍ୟାପକ ପ୍ରଚାର ଏବଂ ଲୋକଙ୍କୁ ସଚେତନ କରିବା ନିମନ୍ତେ ବୁଧବାର କୋର୍ଟ ପରିସରରେ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ମନୋରଞ୍ଜନ ଦାସ,ଏସଡିଜେଏମ ପ୍ରୀତିଶ କୁମାର ରଥ, ସିନିୟର୍ ସିଭିଲ ଜଜ୍ ପୂଜା ଦେ, ଜେଏମ୍‌ଏଫସି ସ୍ୱାଗତିକା ସ୍ୱାଇଁ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ସମେତ ବହୁ ଆଇନଜୀବୀ ଏବଂ କୋର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା ସଚେତନତା ସଭା, ଶୋଭାଯାତ୍ରା



ସୁଭଦ୍ରା ସଚେତନତା ରାଲିର ଶୁଭାରମ୍ଭ କରାଯାଇଛି।

ଦାରିଙ୍ଗବାଡ଼ି,୫।୩ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍‌ର ୨୫ପଞ୍ଚାୟତରେ ବୁଧବାର ରାଜ୍ୟସରକାରଙ୍କ ସୁଭଦ୍ରା ଯୋଜନା ସମ୍ପର୍କିତ ସଭା ଓ ଶୋଭାଯାତ୍ରା ବିଡ଼ିଓ ପ୍ରୀତିରଞ୍ଜନ ରଥ ଏବଂ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦାରିଙ୍ଗବାଡ଼ି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସୁଭଦ୍ରା ଯୋଜନାରେ ମହିଳା ମାନେ ରୋଜଗାରକ୍ଷମ ହେବା ସହ କିଭଳି ସ୍ୱାବଲମ୍ବୀ ହେବେ ସେନେଇ ପରାମର୍ଶ ଦିଆଯାଇଥିଲ। ଏକ ଶୋଭାଯାତ୍ରା ଦାରିଙ୍ଗବାଡ଼ି ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ପହଞ୍ଚିଥିଲା। ସେଠାରେ ବୈଠକ କରାଯାଇ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ, ଓଡ଼ିଶା ଜୀବିକା ମିଶନର ବିପିଏମ୍ ପିଣ୍ଟୁ ନାୟକ, ପିଇଓ ଦୁଃଶାସନ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାର ସୁପରଭାଇଜର, ଅଙ୍ଗନାୱାଡି କର୍ମୀ, ମିଶନଶକ୍ତିର ମହିଳାମାନେ ଉପସ୍ଥିତଥିଲେ। ସମସ୍ତ ହିତାଧିକାରୀ ଏହି ଯୋଜନାରେ କିଭଳି ସାମିଲ ହେବେ ଓ ଫାଇଦା ପାଇବେ ସେନେଇ ଆଲୋଚନା କରାଯାଇଥିଲା। ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ସିଡିପିଓ କହିଛନ୍ତି।

# ମେଡିକାଲ ପରିଦର୍ଶନ କଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ

ସୋରଡା,୫।୩(ରଜନୀ ମହାପାତ୍ର)

ଡ଼୍‌ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ପଣ୍ଡା ପରିଦର୍ଶନରେ ଆସି ବିଭିନ୍ନ ବିଷୟ ଉପରେ ତଦନ୍ତ କରିଛନ୍ତି। ସୋରଡ଼ା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ଆଶିଷ କୁମାର ସ୍ୱାଇଁ, ଡା.ସାଗର ନାୟକଙ୍କ ସମେତ ସୁରଜ ସାହୁ ଓ ଅନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଗତ ୩ ତାରିଖରେ ବୋରସିଂ ଗ୍ରାମର ପ୍ରଦୀପ ଡାକୁଆଙ୍କ ୪ବର୍ଷର ଶିଶୁକନ୍ୟାର ମୃତ୍ୟୁକୁ ନେଇ ବିବାଦ ଦେଖାଦେଇଥିଲା। ସୋରଡ଼ାରେ ବେଆଇନ ପାଥୋଲୋଜି ଓ କ୍ୱାକ୍‌ମାନେ କ୍ଲିନିକ ଖୋଲି ରୋଗୀ ଚିକିତ୍ସା କରୁଛନ୍ତି। ଏହା ସରକାରୀ ଡାକ୍ତରଖାନାରେ ରୋଗୀ ସେବାକୁ ପ୍ରଭାବିତ କରୁଥିବା ପ୍ରଶ୍ନର ଉତ୍ତରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲିଖିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ମେଡ଼ିକାଲରେ ବିଭିନ୍ନ ରୋଗୀଙ୍କ ସହ ମିଶି ସ୍ୱାସ୍ଥ୍ୟ ସେବା ବିଷୟରେ ପଚାରି ବୁଝିଥିଲେ। ସୋରଡ଼ାରେ ବହୁ ବେଆଇନ କ୍ଲିନିକ ଚାଲିଛି। କିନ୍ତୁ ଏସବୁ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ସ୍ୱାସ୍ଥ୍ୟ ସବୁ ଜାଣି ବିଭାଗ ମଧ ନୀରବ ରହୁଛି ଏବଂ ପଚାରିଲେ ଉତ୍ତର ମିଳୁଛି ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତଦନ୍ତ ଶିଶୁ କନ୍ୟା ମୃତ୍ୟୁର କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଏକ ସ୍ୱଜନ ମୂଳକ ତଦନ୍ତ ପରି ମନେ ହେଉଛି। ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡିସେମ୍ବର ୧୯ରେ ଏହିପରି ଏକ ଶିଶୁର ମୃତ୍ୟୁ ହୋଇଥିବା ପରିବାର ବର୍ଗ ଅଭିଯୋଗ କରିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏହାର ତଦନ୍ତ ପାଇଁ ଏଡିଏମଓଙ୍କ ସମେତ ଏକ ଟିମକୁ ସୋରଡା ପଠାଇଥିଲେ ଏବଂ ତଦନ୍ତ ରିପୋର୍ଟ ନ ଆସିବା ପୂର୍ବରୁ ଡାକ୍ତର ଜଣକୁ ବଦଳି କରାଇଥିଲେ। ସେପଟେ ଏହି ମେଡ଼ିକାଲରୁ ଲୋକେ ଆସ୍ଥା ହରାଉଛନ୍ତି ଏବଂ ଏଠାକୁ ରୋଗୀ ଆସିବା ମଧ କମିଗଲାଣି।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, ୫।୩ (ଉମା ଚରଣ ନେପାକ)

ଜରଡ଼ା ଥାନା ତୁମ୍ବା ପଞ୍ଚାୟତ ଅନ୍ତର୍ଗତ ବାଲିଗାଁର ଜଣେ ବ୍ୟକ୍ତି ତାମିଲନାଡୁ ଯାଇ ଶ୍ରମିକ ଭାବେ କାମ କରୁଥିବା ବେଳେ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଦଣ୍ଡପାଣି ଶବର (୩୨) ଏକ କମ୍ପାନୀରେ କାମ କରୁଥିବା ବେଳେ ମଙ୍ଗଳବାର ରୋଡ ଷ୍ଟେସନଠାରେ ଦଣ୍ଡପାଣିଙ୍କ ମୃତଦେହ ପଡ଼ିଥିବା ବାଲିଗାଁର ଅନ୍ୟ ଶ୍ରମିକମାନେ ଜାଣିବାକୁ ପାଇଥିଲେ। ଏନେଇ ଦଣ୍ଡପାଣିଙ୍କ ପରିବାର ଲୋକଙ୍କୁ ଖବର ଦେବାପରେ ମୃତଦେହ ଆଣିବା ପାଇଁ ଜରଡ଼ା ଥାନାର ଆଶ୍ରୟ ନେଇଥିଲେ। ମୃତ ଦଣ୍ଡପାଣିର ଭାଇ ସନ୍ତୋଷ ଶବର ଜରଡ଼ା ଥାନା ଆଇଆଇସିଙ୍କୁ ଲିଖିତ ଅଭିଯୋଗ ଦେବା ପରେ ଆଇଆଇସି ଟୁନା ସାସମଲ୍ ତାମିଲନାଡୁ ପୋଲିସ୍ ସହ କଥାବାର୍ତ୍ତା କରି ମୃତଦେହ ଆଣିବା ପାଇଁ ବ୍ୟବସ୍ଥା କରୁଥିବା ଜଣା ପଡିଛି।

# ଫୁଲବାଣୀରେ ବିଭିନ୍ନ ଯୋଜନାର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ



କର୍ମୀମାନେ ରାଜସ୍ୱ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଉଛନ୍ତି।

ଫୁଲବାଣୀ,୫।୩(ରାକେଶ କୁମାର ରାଉତ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଦିନିକିଆ କନ୍ଧମାଳ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ପୂଜାରୀ ସର୍କିଟ ହାଉସ ଠାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ ନେତା ଓ କର୍ମୀମାନେ ସ୍ୱାଗତ ଜଣାଇଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାରେ ଦୀର୍ଘ ଦିନ ଧରି ରହିଥିବା ଜମିଜମା ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଜଙ୍ଗଲ ଜମି ଅଧିକାର ଓ ପଟ୍ଟା ବଣ୍ଟନ ଉପରେ ଆଲୋଚନା କରିଥିଲେ। ଏ ଦିଗରେ ରହିଥିବା ସମସ୍ୟାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ନୂତନ ସରକାର ବିକାଶକୁ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ନ କରି ୩୦ ଜିଲାର ସାମଗ୍ରିକ ବିକାଶ ଉପରେ ଫୋକସ କରୁଥିବା ଏ ଅବସରରେ ସୂଚନା ଦେଇଛନ୍ତି ମନ୍ତ୍ରୀ । ରାଜ୍ୟ ସରକାର ଇତି ମଧ୍ୟରେ ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଲକ୍ଷାଧିକ କୋଟି ଟଙ୍କାର ଶିଳ୍ପ ସ୍ଥାପନ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତ। ଏହି ସମୀକ୍ଷା ବୈଠକରେ କନ୍ଧମାଳ ଏମପି ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜିଲାପାଳ ଅମ୍ରିତ ଋତୁରାଜ, ମୁଖ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ବାଲିଗୁଡା ଉପଜିଲାପାଳ ଡା.ରୀନା ପ୍ରଧାନ, ଉପଜିଲାପାଳ ଚିତ୍ତରଞ୍ଜନ ମହନ୍ତଙ୍କ ସମେତ ସମସ୍ତ ତହସିଲଦାର, ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ପୂଜାରୀ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲା ଭାଜପା ପକ୍ଷରୁ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ କନ୍ଧମାଳ ଜିଲ୍ଲା ପାଇଁ ବିକାଶର ରୋଡମ୍ୟାପ ସମ୍ପର୍କରେ କହିଥିଲେ। ଏମପି ପାଣିଗ୍ରାହୀ ରାଜ୍ୟ ସରକାରଙ୍କ ତରଫରୁ ଜିଲାର ବିକାଶ ପାଇଁ ହାତକୁ ନିଆ ଯାଇଥିବା ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ।

## ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ

ଦିଗପହଣ୍ଡି,୫।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର ବିଭିନ୍ନ ପଦବୀ ନିମନ୍ତେ ୨୯ରେ ନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନରେ ସଭାପତି ପଦବୀ ପାଇଁ ବୁଧବାର ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଧ୍ୱଜ ସିଂହଙ୍କ ନିକଟରେ କୁରେଶୁ ପଣ୍ଡା ନାମାଙ୍କନ ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ସମୟରେ ଆଇନଜୀବୀ ରଞ୍ଜନ କୁମାର ବେହେରା, ଅଶେଷ ନାଥ ମିଶ୍ର, ରବୀନ୍ଦ୍ର କୁମାର ସାହୁ, ପି. ଶିବଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ଅପରାହ୍ନ ୩ ଦିନ ଯାଏ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିପାରିବେ। ରବିବାର ପ୍ରାର୍ଥିପତ୍ର ଯାଞ୍ଚ କରାଯିବା ସହ ସୋମବାର ବିଭିନ୍ନ ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ।

## ବିଜୁ ଜୟନ୍ତୀରେ ଏକାଠି ହେଲେ ୩ ବ୍ଲକ ଅଧ୍ୟକ୍ଷ

ଦାରିଙ୍ଗବାଡି,୫।୩ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ମିଶ୍ର କଲ୍ୟାଣମଣ୍ଡପ ପରିସରରେ ବୁଧବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ୧୦ନଂ. ଜୋନର ଜିଲାପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ ସଭା ପରିଚାଳନା କରିଥିଲେ। ଏଥିରେ ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜି. ଉଦୟଗିରି ନିର୍ବାଚନମଣ୍ଡଳୀର ୩ବ୍ଲକ୍‌ର ଅଧ୍ୟକ୍ଷ ତଥା ଦାରିଙ୍ଗବାଡ଼ି ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଟିକାବାଲିର ଦିଲ୍ଲୀପ କହଁର, ରାଇକିଆର ପ୍ରୀତମ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବ୍ଲକ୍ ସଭାପତି ଜ୍ୟୋତିରାଜ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ପ୍ରଧାନ, ରାଇକିଆ ବ୍ଲକ୍ ସଭାପତି ରାଜମୋହନ ଦିଗାଲ, ଜି.ଉଦୟଗିରିର ଜିଲାପରିଷଦ ସଦସ୍ୟା ଲିଲିମା ପ୍ରଧାନ, ଦୀପକ କୁମାର ସାହୁ, ରୂପକ କୁମାର ସାହୁ, ରାଜୀବ ନାୟକ, ବିକାଶ ନାୟକ ପ୍ରମୁଖ ଯୋଗଦେଇ ପ୍ରବାଦପୁରୁଷଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

## ୩୭୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଆର.ଉଦୟଗିରି, ୫।୩(ମନୋଜ କୁମାର ପାଢ଼ୀ)

ଆର.ଉଦୟଗିରି ଥାନା ଏସ୍‌ଆଇ ସନ୍ଦୀପ ହେମ୍ବ୍ରମଙ୍କ ସହ ଥାନା କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ସକାଳ ପ୍ରାୟ ସାଢ଼େ ପାଞ୍ଚରେ ଟିକାମାଳ ରାସ୍ତାର ଶବର ପୋଲି ଛକରେ ଏକ ବୋଲେରୋ(ଓଡି ୧୧ୟୁ -୬୯୬୬), ଏକ ନୀଳ ରଙ୍ଗର ଟିଭିଏସ୍ ଆପାଚି (ଓଡି ୨୦-୭୨୮୪ )କୁ ଅଟକାଇ ଥିଲେ। ସେଥିରେ ପ୍ରାୟ ୩୭୫ କିଲୋ ଗଞ୍ଜେଇ ଥିବା ଜଣା ପଡ଼ିଥିଲା। ଏହାସହ ଟିକାମାଳ ଗ୍ରାମର ରଞ୍ଜନ ପରିଛା (୩୪)ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ବ୍ୟକ୍ତି ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ତଦନ୍ତ ଅଧିକାରୀ ସପ୍ନା ବେହେରା, ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଲ ଏବଂ ତହସିଲଦାର ଜ୍ୟୋତିର୍ମୟ ଦାସ ସହ ଆର.ଉଦୟଗିରି ଥାନାର କର୍ମଚାରୀ ଉପସ୍ଥିତ ଥିଲେ। ଉପ ଆରକ୍ଷୀ ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି ଯେ, ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ହେବ।

# କାଶୀନଗର ବସ୍‌ଷ୍ଟାଣ୍ଡ ପରିଦର୍ଶନ କରି କ୍ଷୋଭ ପ୍ରକାଶ କଲେ ବିଧାୟକ

ପାରଳାଖେମୁଣ୍ଡି,୫।୩ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ ପାଣିଗ୍ରାହୀ ଅଚାନକ କାଶୀନଗର ବସ୍‌ଷ୍ଟାଣ୍ଡରେ ପହଞ୍ଚି ସେଠାରେ ହେଉଥିବା ଦୈନିକ ପରିବା, ମାଛ ଓ ମାଂସ ବଜାର ପରିଦର୍ଶନ କରିଥିଲେ। ସେଠାକାର ଅପରିଷ୍କାର ପରିବେଶ ଦେଖି କ୍ଷୋଭ ପ୍ରକାଶ କରିଥିଲେ। ସେଠାରେ ଥିବା ଭେଣ୍ଡିଂ ଜୋନ ଗୃହ ସବୁ ପରିତ୍ୟକ୍ତ ଅବସ୍ଥାରେ ବ୍ୟବହୃତ ନ ହୋଇ ପଡ଼ିଥିବା ଦେଖି ବିଧାୟକ ଅସନ୍ତୋଷ ପ୍ରକାଶ କରଥିଲେ। ମୁଖ୍ୟତଃ ସେଠାରେ ଅସ୍ଥାୟୀ ବ୍ୟବସାୟୀମାନେ ବସ୍‌ଷ୍ଟାଣ୍ଡ କବ୍‌ଜା କରି ରାସ୍ତା ଉପରେ ଠେଲା ଗାଡି, ପରିବା ବିଛେଇ ବସଷ୍ଟାଣ୍ଡକୁ ଅବରୋଧ କରି ବ୍ୟବସ କରିଥାନ୍ତି। ମାଛ ଓ ମାଂସ ବ୍ୟବସାୟୀଙ୍କୁ ପ୍ରଶାସନ ସେଠାରେ ସ୍ୱତନ୍ତ୍ର ଗୃହ ଯୋଗେଇ ଦେଇଥିଲେ ସୁଦ୍ଧା ସେମାନେ ସେଠାରେ ମାଛ ମାଂସ ବିକ୍ରି କରୁନାହାନ୍ତି। ରାତିରେ କେତେ ଜଣ ଅସାମାଜିକ ବ୍ୟକ୍ତି ମଦ୍ୟପାନ କରି ଆଡ୍ଡା ଜମେଇଥାନ୍ତି। ଏହି ପରିବା ବଜାର ସହ ମାଛ ଓ ମାଂସ ବ୍ୟବସାୟୀମାନେ ବସଷ୍ଟାଣ୍ଡ ଅବରୋଧ ନ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଭେଣ୍ଡିଂ ଜୋନରେ ବିକ୍ରି କରିବା ଏବଂ କାଶୀନଗର ସହର ବିକାଶରେ ଉପୁଜୁଥିବା ସମସ୍ୟାର ସମାଧାନ ନେଇ କାଶୀନଗରବାସୀ ଏହି ଅବସରରେ ବିଧାୟକଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ସୂଚନାଯୋଗ୍ୟ, କିଛି ମାସ ପୂର୍ବରୁ ଗଜପତି ଜିଲାପାଳ ଏଠାକୁ ଆସି ସମସ୍ୟା ସବୁ ଅନୁଧ୍ୟାନ କରି ଫେରିଥିଲେ ସୁଦ୍ଧା ଏଯାଏ କୌଣସି ପରିବର୍ତ୍ତନ ହୋଇପାରିନାହିଁ।

# କେଏସ୍‌ୟୁବି କଲେଜର ଉନ୍ନତି ପାଇଁ ୧୦୭ କୋଟି ଖର୍ଚ୍ଚ ହେବ

ଭଞ୍ଜନଗର,୫।୩(ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରମାନେ ଇଣ୍ଟର୍ନସିପ ମାଧ୍ୟମରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ସଂସ୍ଥାକୁ ତାଲିମ ନେବାକୁ ଯାଇଥିଲେ। ସେମାନେ ଫେରିବା ପରେ ବୁଧବାର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଭେଟି ଫୁଲତୋଡା ଦେଇଥିଲେ। ବିଧାୟକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏବଂ ଚକରା ବିଷୋୟୀ ଓ ଘୁମୁସର ଇତିହାସ ଉପରେ ଅଧିକ ଜାଣିବା ପାଇଁ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଧାୟକ କହିଛନ୍ତି, ଜିଲାରେ ବେକାରୀ ଏବଂ ଦାଦନ ସମସ୍ୟା ଦୂର ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତି ଚାଲିଛି। ଗୁଜରାଟର ଏକ ସୂତାକଳ ସଂସ୍ଥା ଗଞ୍ଜାମ ଜିଲାରେ ୭୦୦୦ କୋଟି ଟଙ୍କା ନିବେଶ କରିବ। ଭଞ୍ଜନଗର ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ସେଥିମଧ୍ୟରୁ କେବଳ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ବିକାଶ ପାଇଁ ୧୦୭ କୋଟି ଟଙ୍କା ଖର୍ଚ୍ଚ କରିବା ଯୋଜନା ରହିଛି। କଲେଜର ହଷ୍ଟେଲ, ଷ୍ଟାଫ କ୍ୱାର୍ଟର୍ସ, ନୂତନ କ୍ଲାସ ରୁମ ଓ କଲେଜ ପାଚେରୀ ନିର୍ମାଣ ହେବ ବୋଲି ବିଧାୟକ ନାୟକ କହିଛନ୍ତି।



ବିଧାୟକଙ୍କୁ ଫୁଲତୋଡା ଦେଉଛନ୍ତି ଛାତ୍ରୀଛାତ୍ର।

**ଗଣ ଯୋଗାଯୋଗ ଛାତ୍ରୀ ଛାତ୍ର ବିଧାୟକଙ୍କୁ ଭେଟିଲେ**

## ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିଙ୍କ ଦାୟିତ୍ୱଗ୍ରହଣ



ବ୍ରହ୍ମପୁର,୫।୩(ସୁବାସ ଚନ୍ଦ୍ର ପାଢ଼ୀ): ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଭାବେ ବୁଧବାର ବରିଷ୍ଠ ଆଇପିଏସ ନୀତିଶେଖର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ଆଇଜି ଡା. ସାର୍ଥକ ଷଡଙ୍ଗୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଆଇଜି ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ବିଭାଗୀୟ ଅଧିକାରୀ ମାନେ ସ୍ୱାଗତ ଜଣାଇଛନ୍ତି । ପୋଲିସ ଲୋକଙ୍କ ବିଶ୍ୱାସଭାଜନ ହେବା ସହ ସାଧାରଣ ଲୋକ କିପରି ତ୍ୱରିତ ଆଇନଗତ ସହାୟତା ପାଇପାରିବେ ସେ ଦିଗରେ ଉଦ୍ୟମ କରାଯିବ ବୋଲି ଆଇଜି କହିଛନ୍ତି । ମାଓବାଦୀ ମୁକାବିଲା ପାଇଁ କୋମ୍ବିଂ ଅପରେସନକୁ ଜୋରଦାର କରାଯିବ। ମାଓବାଦୀ ଆତ୍ମସମର୍ପଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଜିଲାର ଆଇନ ଓ ଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ ଦିଗରେ ମଧ୍ୟ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି।

# ୫ବର୍ଷରେ ଗୁଳିରେ ୧୫ ନିପାତ, ୧୮ ଧରାଦେଲେଣି

### ଦକ୍ଷିଣାଞ୍ଚଳ ରେଞ୍ଜରେ ଦୁର୍ବଳ ହେଉଛି ଲାଲବାହିନୀ

ବ୍ରହ୍ମପୁର, ୫।୩(ସୁବାସ ଚନ୍ଦ୍ର ପାଢ଼ୀ)

ଲାଲବାହିନୀର ସତ୍ତା ଧୀରେ ଧୀରେ ହଜିବାକୁ ବସିଲାଣି। ୨୦୧୪ ଜୁଲାଇରେ ମାଓନେତା ତଥା ଦଳ ମୁଖିଆ ସବ୍ୟସାଚୀ ପଣ୍ଡା ଧରାପଡ଼ିବା ପରେ ଉକ୍ତ ବାହିନୀ ଦୁର୍ବଳ ହେବାରେ ଲାଗିଛି। ଜଣଙ୍କ ପରେ ଜଣେ ମାଓନେତା ପୋଲିସ ଜାଲରେ ପଡୁଛନ୍ତି। ଗତ ୫ବର୍ଷ ମଧ୍ୟରେ ଦକ୍ଷିଣାଞ୍ଚଳ ରେଞ୍ଜରେ ୧୦ ଏନକାଉଣ୍ଟର ହୋଇଛି। କନ୍ଧମାଳ ପୋଲିସ ୧୩ଜଣଙ୍କୁ ଓ ବୌଦ୍ଧ ପୋଲିସ ୨ଜଣଙ୍କୁ ଏନକାଉଣ୍ଟର କରିଛି। ୧୫ ମାଓବାଦୀଙ୍କୁ ନିପାତ କରାଯାଇଛି। ସେହିପରି ୨୦୧୯ରୁ ୨୦୨୪ ମଧ୍ୟରେ ମୋଟ ୧୮ ମାଓବାଦୀ ଧରାଦେଇଛନ୍ତି। ଏବେ ସୀମାନ୍ତ ଇଲାକାରେ ଛତିଶଗଡ କ୍ୟାଡର୍ ମାଓବାଦୀଙ୍କ ଗତିବିଧି ରହିଛି। ସେମାନଙ୍କୁ ଦମନ ପାଇଁ ଓଡ଼ିଶା ଏବଂ ଛତିଶଗଡ ପୋଲିସର ମିଳିତ ଅପରେସନ ଜାରି ରହିଛି। ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ଦୁର୍ଗମ ଇଲାକାରେ ମାଓବାଦୀ ସକ୍ରିୟ ଥିଲେ। ପରେ ବୌଦ୍ଧ ଜିଲା ମାଓ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଗଞ୍ଜାମ ଓ ଗଜପତି ଜିଲା ମାଓମୁକ୍ତ ହୋଇଛି। କେବଳ କନ୍ଧମାଳ ଓ ବୌଦ୍ଧ ଜିଲାର ଦୁର୍ଗମଳ ଅଞ୍ଚଳରେ ମାଓବାଦୀମାନେ ନିଜ ସ୍ଥିତି ଜାହିର କରୁଛନ୍ତି। କନ୍ଧମାଳ ଜିଲାର ଗୋଚ୍ଛାପଡା ଓ ଫିରିଙ୍ଗିଆ ଏବଂ ବୌଦ୍ଧ ଜିଲାର କଣ୍ଟାମାଳ ଓ ମନମୁଣ୍ଡାର ଦୁର୍ଗମ ଇଲାକା ସେମାନଙ୍କୁ ସୁହାଉଛି। ମାଓ ସଙ୍ଗଠନରେ ଅଧିକାଂଶ ଛତିଶଗଡ କ୍ୟାଡର୍ ମାଓବାଦୀ ରହିଛନ୍ତି। ଓଡିଶା କ୍ୟାଡର୍ ମାଓବାଦୀଙ୍କ ସଂଖ୍ୟା ଖୁବ କମ ରହିଛି। ଛତିଶଗଡ ସଂଗଠନର ବିକେଶ ନାମକ ଜଣେ ମାଓବାଦୀ ନେତୃତ୍ୱ ନେଉଥିବାବେଳେ ତାଙ୍କୁ ପୋଲିସ ଖୋଜୁଛି। ଖବରମିଳିଲେ କୁମ୍ବିଂ ଅପରେସନ ଆରମ୍ଭ କରାଯାଉଛି ବୋଲି ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଡା. ସାର୍ଥକ ଷଡଙ୍ଗୀ ସୂଚନା ଦେଇଛନ୍ତି। ଉକ୍ତ ସଂଗଠନରେ ପୁରୁଷ ଓ ମହିଳାମା ନିର୍ଯାତିତ ହେଉଛନ୍ତି। ୨୦୧୫ ଜାନୁଆରି ୫ରେ ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜର ତତ୍କାଳୀନ ଆଇଜି ଅମିତାଭ ଠାକୁରଙ୍କ ନିକଟରେ ଓଡିଶା ମାଓ ସଂଗଠନର ସେକେଣ୍ଡ ଇନ କମାଣ୍ଡ କୁହାଯାଉଥିବା ପ୍ରମୋଦ ମାଝୀ ଓରଫ ସାଗର ଆତ୍ମସମର୍ପଣ କରିଥିଲେ। ତାଙ୍କର ବୟାନକୁ ଭିତ୍ତି କରି ପୋଲିସ ସେ ସମୟରେ ସୋରଡ଼ା ଥାନା ଆଡ଼ିପଙ୍କା ନିକଟ ଖାଡ଼ିସରୁ ଜଙ୍ଗଲରେ ପୋତା ଯାଇଥିବା ଏସଏଲଆର୍, ବ୍ୟାପକ ଗୁଳି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଗତ ୨୦୧୯ରୁ ୨୦୨୪ ମଧ୍ୟରେ ୫ଜଣ ଏସିଏମ (ଏରିଆ କମାଣ୍ଡିଂ ମେମ୍ବର୍) ର୍ୟାଙ୍କର ମାଓବାଦୀ ଆତ୍ମସମର୍ପଣ କରି ସାରିଛନ୍ତି। ୨୦୨୪ ମେ ମାସରେ କେକେବିଏନ ଡିଭିଜନର ଡିସିଏମ (ଡିଭିଜନାଲ କମାଣ୍ଡିଂ ମେମ୍ବର) ସମୟ ମଡକାମ ଓରଫ ନରେଶ ଓରଫ ରୂପେଶ ଓରଫ ଅମିତ ଓରଫ ପିଣ୍ଟୁ ଆତ୍ମସମର୍ପଣ କରିଥିଲେ। ସେ ଡିଭିଜନର ଅଷ୍ଟମ କମ୍ପାନି ପ୍ରଥମ ବାଟାଲିଅନର ପ୍ରଥମ ପ୍ଲାଟୁନର କମାଣ୍ଡର୍ ଦାୟିତ୍ୱ ତୁଲାଉଥିଲେ। ଉପରୋକ୍ତ ସମୟ ମଧ୍ୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ କନ୍ଧମାଳ ଜିଲାର ବିଭିନ୍ନ ଥାନା ଇଲାକାରେ ୨୫ଥର ଗୁଳି ବିନିମୟ ହୋଇଥିଲା। ବୌଦ୍ଧ ଜିଲାରେ ମଧ୍ୟ ୪ ଥର ଗୁଳି ବିନିୟମ ହୋଇଛି। ୨୦୨୦ରେ କନ୍ଧମାଳ ଜିଲାରେ ୮ ମାଓବାଦୀ ଏନକାଉଣ୍ଟରରେ ନିପାତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୫ ଏସିଏମ ର୍ୟାଙ୍କ ମାଓବାଦୀ ଥିଲେ। ୨୦୨୨ରେ ୩ଜଣଙ୍କୁ ଓ ୨୦୨୪ରେ ଦୁଇଜଣଙ୍କୁ ଏନକାଉଣ୍ଟର ହୋଇଥିଲା। ଗତବର୍ଷ ଫେବୃୟାରି ୩ତାରିଖରେ କନ୍ଧମାଳ ପୋଲିସ ଡିସିଏମ ଦାସରୁ ଓରଫ ଲକମା ମଣ୍ଡାଭଙ୍କୁ ନିପାତ କରିଥିଲା। ସେହିପରି ୨୦୨୪ରେ ବୌଦ୍ଧ ଜିଲାରେ ୨ ମାଓବାଦୀଙ୍କୁ ଏନକାଉଣ୍ଟର କରାଯାଇଥିଲା।

## ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ ତାରିଖ ଧାର୍ଯ୍ୟ

ବ୍ରହ୍ମପୁର,୫।୩(ସ୍ମୃତି ରଞ୍ଜନ ମହାଲିକ)



ବୁଢ଼ୀ ଠାକୁରାଣୀ ।

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବ। ଏ ନେଇ ଯାତ୍ରା ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କମିଟି ପକ୍ଷରୁ ଯାତ୍ରା ପୂର୍ବରୁ ଶୁଭ ଖୁଣ୍ଟି ସ୍ଥାପନ ପାଇଁ ତାରିଖ ସ୍ଥିର କରାଯାଇଛି। ଯାତ୍ରାର ପାରମ୍ପରିକ ସିଦ୍ଧାନ୍ତି ଭି ବାସୁଦେବ ଶାସ୍ତ୍ରୀଙ୍କ ଦ୍ୱାରା ଶୁଭ ଖୁଣ୍ଟି ସ୍ଥାପନ ପାଇଁ ଆସନ୍ତା ୯ ଓ ୧୨ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ୨ ଦିନ ମଧ୍ୟରୁ ଗୋଟିଏ ଦିନ ଦେଶୀ ବେହେରା ସାହିଠାରେ ଯାତ୍ରା କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ହେବ। ଏଥିରେ ସିଦ୍ଧାନ୍ତିଙ୍କ ଦ୍ୱାରା ଲଗ୍ନ ଅନୁଯାୟୀ ଯାତ୍ରାର ସମୟ ସ୍ଥିର କରାଯିବ। ଏହାପରେ ଶୁଭ ଖୁଣ୍ଟି ମାଙ୍କ ନିକଟରେ ପୂଜାର୍ଚ୍ଚନା ହୋଇ ଆସିବା ପରେ ସ୍ଥାପନ କରାଯିବ ବୋଲି ଯାତ୍ରା ପରିଚାଳକ ପି ଦୁର୍ଗା ପ୍ରସାଦ ଦେଶୀ ବେହେରା ସୂଚନା ଦେଇଛନ୍ତି। ଶୁଭ ଖୁଣ୍ଟି ସ୍ଥାପନା ପରେ ଯାତ୍ରା ନିମନ୍ତେ ଜିଲା ପ୍ରଶାସନଠାରୁ ଅନୁମତି ଅଣାଯିବ ବୋଲି ସେ କହିଛନ୍ତି।

## ବିଜୁବାବୁଙ୍କ ଜୟନ୍ତୀ ପାଳିଲା ପ୍ରଶାସନ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ଛତ୍ରପୁର,୫।୩(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛତ୍ରପୁରସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ଏନ୍ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲାପରିଷଦ ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରାଙ୍କ ସହ ଜନପ୍ରତିନିଧି ଓ ସରକାରୀ ଅଧିକାରୀ ଯୋଗଦେଇ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ଛତ୍ରପୁରସ୍ଥିତ ସଂସ୍କୃତି ଭବନରେ ଜଲା ପ୍ରଶାସନ ପକ୍ଷରୁ ସ୍ମୃତି ଚାରଣ ସଭା ଆୟୋଜନ କରାଯାଇଥିଲା। ଏହାପରେ ଭଜନ ସମାରୋହ ଓ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଜି ବିଇଏମ୍‌ସି ବଜେଟ

ବ୍ରହ୍ମପୁର,୫।୩(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ବଜେଟକୁ ନେଇ ଦୀର୍ଘ ଦିନ ଧରି ଅନିଶ୍ଚିତତା ଦେଖା ଦେଇଥିଲା। ଅନ୍ୟପଟେ କର୍ପୋରେଟରଙ୍କ ଗୋଷ୍ଠୀ କନ୍ଦଳ ବିବାଦ ବଜେଟ ବୈଠକକୁ ନେଇ ଅନିଶ୍ଚିତତା ଆହୁରି ବୃଦ୍ଧି ପାଇଥିଲା। ବହୁ ବାଦ ବିବାଦ ପରେ ବିଇଏମସି ପକ୍ଷରୁ ଚଳିତ ବର୍ଷର ବାର୍ଷିକ ବଜେଟ ବୈଠକ ଗୁରୁବାର ଅନୁଷ୍ଠିତ ହେବ। ବିଇଏମସି ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୫୪୯.୮୧ କୋଟି ଟଙ୍କା ବଜେଟ ଆଗତ କରାଯାଇଛି। ବଜେଟରେ ସହରବାସୀଙ୍କୁ ଉତ୍ତମ ପରିମଳ ବ୍ୟବସ୍ଥା ସହ ବର୍ଜ୍ୟବସ୍ତୁ ପରିଚାଳନା, ଡ୍ରେନ, ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଅତ୍ୟାଧୁନିକ ଇ-ଲାଇବ୍ରେରୀ, ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ, ଭେଣ୍ଡିଂ ଜୋନ, ସ୍ମାର୍ଟ ଫୁଟପାଥ ଓ ସୌନ୍ଦର୍ଯ୍ୟକରଣ, ନୂତନ ଶ୍ମଶାନ, ମିଶନ ଶକ୍ତି ଗୃହ ଓ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା, ଚନ୍ଦନିଆ ପାହାଡରେ ବର୍ଜ୍ୟ ବସ୍ତୁ ପୁନଃ ପ୍ରକ୍ରିୟାକରଣ ଓ ୪୨ ୱାର୍ଡରେ ଷ୍ଟିଲ ସୂଚନା ଫଳକକୁ ବଜେଟରେ ସ୍ଥାନିତ କରାଯାଇଛି।

# ସବୁ ହସ୍ପିଟାଲରେ ରହିବ ସ୍ୱତନ୍ତ୍ର କକ୍ଷ

### ଅଂଶୁଘାତ ମୁକାବିଲା ପ୍ରସ୍ତୁତି ସମୀକ୍ଷା



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ଛତ୍ରପୁର,୫।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଂଶୁଘାତରୁ ସୁରକ୍ଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଗଞ୍ଜାମ ଜିଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରି ଅବଗତ କରାଇଥିଲେ ଯେ, ଚଳିତବର୍ଷ ଅତ୍ୟଧିକ ଗରମ ଅନୁଭୂତ ହେବାର ସମ୍ଭାବନା ରହିଛି। ତେଣୁ ଜିଲାବାସୀଙ୍କୁ ସୁରକ୍ଷା ଦେବା ସହ ପ୍ରଶାସନ ପକ୍ଷରୁ ସମସ୍ତ ଆଶୁ ପଦକ୍ଷେପ ପୂର୍ବରୁ ଗ୍ରହଣ କରିବାକୁ ହେବ। ଏଥି ନିମନ୍ତେ ସମସ୍ତ ଲାଇନ ବିଭାଗୀୟ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ପୂର୍ବ ପ୍ରସ୍ତୁତି କରି ସଜାଗ ରହିବାକୁ ହେବ। ବର୍ତ୍ତମାନ ଠାରୁ ଜଳକ୍ଲିଷ୍ଟ ଅଞ୍ଚଳଗୁଡିକ ଚିହ୍ନଟ କରି ଜଳ ଯୋଗାଣର ବ୍ୟବସ୍ଥା, ଚିକିତ୍ସାଳୟ ଗୁଡିକରେ ଅଂଶୁଘାତ ଜନିତ ଚିକିତ୍ସା ସକାଶେ ସମସ୍ତ ପ୍ରସ୍ତୁତି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଜଳଛତ୍ର କେନ୍ଦ୍ର ଖୋଲିବାକୁ କହିଛନ୍ତି । ସହରାଞ୍ଚଳ ଗୁଡିକରେ ପ୍ରତି ଦେଢ଼ଶହ ମିଟର ଦୂରତାରେ ଗୋଟିଏ ଲେଖାଏ ଜଳଛତ୍ର ଖୋଲିବା, ପଶୁପକ୍ଷୀ ମାନେ ଯେପରି ଶୋଷ ମେଣ୍ଟାଇବେ ସେଥି ନିମନ୍ତେ ମଧ୍ୟ ବ୍ୟବସ୍ଥା କରିବାକୁ କହିଛନ୍ତି । ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ବୈଠକରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ସକାଶେ ବିଭିନ୍ନ କାର୍ଯ୍ୟଧାରା ଗୁଡିକ ସମ୍ପର୍କରେ ଅବଗତ କରାଇ ସମସ୍ତ ବିଭାଗ ତରଫରୁ ପୂର୍ବ ପ୍ରସ୍ତୁତି କିଭଳି କରାଯାଇଛି ସେ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ । ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଅଂଶୁଘାତ ହେଲେ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ ପ୍ୟାକେଟ ଓ ଔଷଧ ମହଜୁଦ ରଖି ସଜାଗ ରହିବାକୁ କୁହାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ପ୍ରସ୍ତୁତ କରି ରଖିବା ସହିତ ଜିଲ୍ଲାର ବିଭିନ୍ନ ସିଏଚସି, ପିଏଚସିରେ ମଧ୍ୟ ଅଂଶୁଘାତ ଜନିତ ଚିକିତ୍ସା କରିବା ନିମନ୍ତେ ଆଗୁଆ ପ୍ରସ୍ତୁତି କରିବାକୁ କୁହାଯାଇଛି। ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ,ଏନଏସି ପକ୍ଷରୁ ଜଳଛତ୍ରମାନ ଖୋଲାଯିବାକୁ ମଧ୍ୟ ଆଲୋଚନା ହୋଇଛି। ଆବଶ୍ୟକ ସ୍ଥଳେ ଦୁର୍ଗମ ଅଞ୍ଚଳରେ ରହିଥିବା ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ଶ୍ରମିକମାନେ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଶ୍ରମଦାନ ନକରି ବିଶ୍ରାମ ନେବେ ବୋଲି ଶ୍ରମ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଂଶୁଘାତରେ କାହାର ମୃତ୍ୟୁ ହେଲେ ତୁରନ୍ତ ପୋଷ୍ଟମର୍ଟମ ରିପୋର୍ଟ ଓ ଏଫଆଇଆର୍ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପ ଜିଲ୍ଲାପାଳ ଦୀନା ଦସ୍ତଗୀର, ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶିଷ ବରାଡ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଭିଷେକ ସାହୁଙ୍କ ସମେତ ଚିକିତ୍ସା ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁଭଦ୍ରା ସଚେତନତା ରାଲି

ଛତ୍ରପୁର,୫।୩(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାର ବିଭିନ୍ନ ପଞ୍ଚାୟତ, ଏନ୍ଏସି, ମ୍ୟୁନିସିପାଲିଟିରେ ସୁଭଦ୍ରା ଯୋଜନା ବିଷୟରେ ସଚେତନ କରିବା ପାଇଁ ବୁଧବାର 'ସୁଭଦ୍ରା' ସଚେତନତା ରାଲି ଆରମ୍ଭ ହୋଇଛି। ଏହି ଯୋଜନା ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ, ଅଧିକାର ସଚେତନତା, ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ, ଉଦ୍ୟୋମିତା ଓ ଆତ୍ମନିର୍ଭରତା ବୃଦ୍ଧି କରାଇବା ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଛି। ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ସ୍ୱଚ୍ଛସାଥୀ ମାନେ ରାଲିରେ ସାମିଲ ହୋଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ୮ ତାରିଖ ଶନିବାର ସୁଭଦ୍ରା ଯୋଜନାର ୨ୟ କିସ୍ତି ଅର୍ଥ ହିତାଧିକାରୀଙ୍କ ଖାତାକୁ ଆସିବ ବୋଲି ସଚେତନ କରାଯାଇଥିଲା ।

# ମାଷ୍ଟରମାଇଣ୍ଡଙ୍କ ସମେତ ୭ ଗିରଫ

### ୨ କୋଟି ଟଙ୍କା ପାଇଁ ୪ ଜଣଙ୍କୁ ମୁଣ୍ଡ ଜାମିନ ଘଟଣା

ଚିକିଟି,୫।୩(ପ୍ରକାଶ ଚନ୍ଦ୍ର ସାହୁ)

ଏକ ଫାଇନାନ୍ସ କମ୍ପାନୀର ୪ ଜଣଙ୍କୁ ଅପହରଣ କରି ୨ କୋଟି ଟଙ୍କା ଦାବି କରିବା ଘଟଣାରେ ଫେରାର ଥିବା ମାଷ୍ଟର ମାଇଣ୍ଡଙ୍କ ସମେତ ୭ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କେ. ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିଗଡ଼ ଖୁଦା ସାହିର ନୂତନ ପାତ୍ର, ଚିକିଟି ପେଣ୍ଠ ହନୁମାନ ବିହାର ସାଗର ପ୍ରସାଦ ସାହୁ, ଚିକିଟିଗଡ଼ ଧାଡ଼ାଗା ସାହିର ରବୀନ୍ଦ୍ର ମହାନ୍ତି, ବ୍ରହ୍ମପୁର ବଡ ବଜାର ଥାନା ଅନ୍ତର୍ଗତ ଗେଟବଜାର ବଳିଆସାହି ଶାନ୍ତି ନଗରର ଦଣ୍ଡ ମହାରଣା, ଫାଷ୍ଟ ଗେଟର ଟି ଗଣେଶ ରାଓ, ବଡ଼ବଜାର ଥାନା ଉତ୍କଳ ହଲ ନିକଟସ୍ଥ ପଞ୍ଚ ଦେଉଳିଆ ସାହିର କାର୍ତ୍ତିକ ବେହେରା ଓ ବଡ଼ବଜାର ଥାନା ମେଦରୀ ସାହି କେ ସୁନୀଲ ରାଓ। ଅଭିଯୁକ୍ତମାନଙ୍କ ଠାରୁ ୨୦୦୦ ଟଙ୍କା, ୧୫ ଟି ମୋବାଇଲ ଫୋନ୍, ୩ଟି କାର ଜବତ ହୋଇଥିବା କେ ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଘଟଣାରେ ଭୋଲାସିଙ୍ଗି ଗ୍ରାମର ପୃଥ୍ୱୀ ସାହୁ, ଗେଷାଣି ନୂଆଗାଁ ଥାନା ସୋମନାଥ ନଗରର ଶଶୀକାନ୍ତ ବେହେରା, ରମ୍ଭା ଅଞ୍ଚଳର ପ୍ରବୀର କୁମାର ସାହୁ ଗିରଫ ହୋଇଥିଲେ। ଏମାନଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ଏଥିରେ ଚିକିଟି ଅଞ୍ଚଳର କେତେଜଣ ଯୁବକ ସମ୍ପୃକ୍ତ ଥିଲେ ମଧ୍ୟ ପୋଲିସ ସେମାନଙ୍କ ସମ୍ପର୍କରେ କୌଣସି ସୁରାକ୍ ନ ପାଇବା ଘଟଣା ଅଧିକ ରହସ୍ୟମୟ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଘରୋଇ ଫାଇନାନ୍ସ ସଂସ୍ଥାର ୪ ଏଜେଣ୍ଟଙ୍କୁ ପ୍ରୋଜେକ୍ଟ କରିବା ବାହାନାରେ ଅଭିଯୁକ୍ତ ବ୍ରହ୍ମପୁର ଡାକିଥିଲେ। ସେମାନଙ୍କୁ ନେଇ କେ ନୂଆଗାଁ ଥାନା ଚିକିଟି ଗଡ଼ ତହସିଲ କାର୍ଯ୍ୟାଳୟ ପଛ ପଟେ ଏକ କୁଡ଼ିଆରେ ହାତଗୋଡ଼ ବାନ୍ଧି ରଖି ନିସ୍ଥୁକ ମାଡ଼ ମାରିବା ସହ ନାଗ ସାପ ଆଣି ଦଂଶନ ଭୟ ଦେଖାଇଥିଲେ। ଅପହରଣକାରୀଙ୍କ କବଳରୁ ଜଣେ ଫାଇନାନ୍ସ କର୍ମଚାରୀ କୌଶଳ କ୍ରମେ ଖସି ଆସିବା ପରେ କେ ନୂଆଗାଁ ପୋଲିସ ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରିଥିଲା। ଏ ନେଇ ନଂ.୪୧/୨୫ ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା।

### ତିରିସା ମୁଠାମାଝୀ ହତ୍ୟା ଘଟଣା

## ସାକ୍ଷ୍ୟ ନ ଦେବା ପାଇଁ ହୋଇଥିଲା ହତ୍ୟା

ପାରଳାଖେମୁଣ୍ଡି,୫।୩ (ଗିରିଧାରୀ ପରିଚ୍ଛା):

ଅଡବା ଥାନା ତୁଆବାଡି ଗ୍ରାମର ତିରିସା ମୁଠାମାଝୀ ହତ୍ୟା ଘଟଣାର ଖୁଲାସା କରିଛି ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ୪ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେମାନେ ହେଲେ ଜାଡଙ୍ଗି ଗ୍ରାମର ସୁରେଶ ମାଝୀ, କନ୍ଧମାଳ ଜିଲା ବ୍ରାହ୍ମଣୀଗାଁର ସମସୋନ ମଲିକ, ପାଜିଗୁଡା ଗ୍ରାମର ମନୋଜ ମାଝୀ , ତୁଆବାଡି ଗ୍ରାମର ବିଶ୍ୱରଞ୍ଜନ ଉଥାନସିଂ । ହତ୍ୟାକାଣ୍ଡରେ ବ୍ୟବହୃତ, ପଥର, ଠେଙ୍ଗା ଏବଂ ଅଭିଯୁକ୍ତଙ୍କ ୫ଟି ମୋବାଇଲ ଫୋନ ଓ ଗୋଟିଏ ବାଇକ ଜବତ କରିଛି ପୋଲିସ। ୨୦୨୧ରେ ଏକେ-୪୭ ବନ୍ଧୁକ ସହ ଆକ୍ରମଣ ମାମଲାରେ ଗିରଫ ହୋଇ ଜେଲରେ ଥିବା ମାଓବାଦୀ ପ୍ରମୋଦ ମାଝୀ ଓରଫ ସାଗରଙ୍କ ବିରୋଧରେ ୬ ତାରିଖରେ କୋର୍ଟରେ ତିରିସା ମୁଠାମାଝୀ ସାକ୍ଷ୍ୟ ଦେବାର ଥିଲା। ତେଣୁ ତାରିଖ ପୂର୍ବରୁ ତାଙ୍କୁ ହତ୍ୟା କରି ରାସ୍ତାରୁ ହଟାଇ ଦିଆଯାଇଥିବା ପୋଲିସ ତଦନ୍ତରୁ ଜଣାପଡିଛି ବୋଲି ଗଜପତି ଏସ୍‌ପି ଯତିନ୍ଦ୍ର କୁମାର ପଣ୍ଡା ଖବରଦତାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ୨ ତାରିଖ ରାତିରେ ତିରିସାଙ୍କୁ କିଛି ଲୋକ ଏକ ବୈଠକ ପାଇଁ ଡାକିଥିଲେ। ବୈଠକରୁ ଫେରିବା ରାସ୍ତାରେ ଅଭିଯୁକ୍ତମାନେ ପୂର୍ବ ଯୋଜନା ମୁତାବକ ଜଗି ରହିଥିଲେ। ବିଳମ୍ବିତ ରାତ୍ରରେ ତାଙ୍କୁ ଅତର୍କିତ ଭାବେ ଠେଙ୍ଗା ଓ ପଥରରେ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ଅମାନୁଷିକ ଭାବେ ବାଇକ ପଛରେ ବାନ୍ଧି ୧ କିମି ପର୍ଯ୍ୟନ୍ତ ଘୋଷାଡି ଆଣି କାଟମା ନିକଟ ପାଣି ଟାଙ୍କି ପାଖରେ ଫୋପାଡି ଦେଇଥିଲେ। ୩ ତାରିଖରେ ପରିବାର ସମ୍ପର୍କୀୟ ମୃତଦେହ ଚିହ୍ନଟ କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦୁଇଟି ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ମିଳିଥିବା ତଥ୍ୟ ପ୍ରମାଣକୁ ଆଧାର କରି ୪ ଜଣଙ୍କୁ ଗିରଫ କରିଛି ଅଡବା ପୋଲିସ।

### ପଞ୍ଚାୟତିରାଜ ଦିବସ ପାଳନ ବନ୍ଦର ପ୍ରତିବାଦ

## ଆର୍‌ଡିସିଙ୍କ ଅଫିସ ପାଖରେ ବିଜେଡିର ବିକ୍ଷୋଭ ଆଜି

ବ୍ରହ୍ମପୁର,୫।୩(ନରସିଂହ ସାହୁ)

ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ବ୍ରହ୍ମପୁର ବିଜେଡି ପକ୍ଷରୁ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି। ଦଳର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ବିକ୍ରମ ପଣ୍ଡା, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡି, ସୁବାସ ମହାରଣା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମହାନଗରରେ ସ୍ଥାପିତ ପ୍ରବାଦ ପୁରୁଷଙ୍କ ୩ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ମହାରଣା, ନୀଳକଣ୍ଠ ସାହୁ, ମୁରଲି ମୋହନ, ମମତା ବିଶୋଇ, ଭଗବାନ ଗନ୍ତାୟତ ଓ ଅନ୍ୟମାନେ ସାମିଲ ହୋଇଥିଲେ। ମହାନଗର ଯୁବ ବିଜେଡି ନେତା ଅଜିତ ପଣ୍ଡା ଓ ତାଙ୍କ ଟିମରେ ଅନେକ କର୍ମୀ ସାମିଲ ହୋଇଥିଲେ। ନେତା ଓ କର୍ମୀମାନେ ସିଟି ହସ୍ପିଟାଲକୁ ଯାଇ ରୋଗୀଙ୍କୁ ଫଳ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଅନ୍ୟପକ୍ଷରେ ଦୀର୍ଘ ୩ ଦଶନ୍ଧି ହେବ ରାଜ୍ୟରେ ପ୍ରବାଦ ପୁରୁଷଙ୍କ ଜୟନ୍ତୀ ମାର୍ଚ୍ଚ ୫ ତାରିଖରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସକୁ ଭାଜପା ସରକାର ବନ୍ଦ କରି ଦେଇଥିବାରୁ ବିଜେଡି ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ରାଜନୀତିରେ ଭାଜପା ସରକାରଙ୍କ ହିନମାନ୍ୟତାର ନିନ୍ଦା କରାଯାଇଛି। ବିଜୁଙ୍କ ପ୍ରତି ମୋହନ ମାଝୀ ସରକାର ଅସମ୍ମାନ କରିଥିବା ଚ୍ୟାଉ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ବିଜେଡି ପକ୍ଷରୁ ଆରଡିସିଙ୍କ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେ କହିଛନ୍ତି। କେବଳ ବ୍ରହ୍ମପୁର ନୁହେଁ ଗଞ୍ଜାମ ଜିଲାର ସବୁ ବ୍ଲକ ଓ ସହରାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ହେବାକୁ ଥିବା ଜଣାଇଛନ୍ତି।



ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ନେତାମାନେ ମାଲ୍ୟାର୍ପଣ କରୁଛନ୍ତି।

# ବର୍ଜ୍ୟମୁକ୍ତ ହେବ ଚନ୍ଦନିଆ ପାହାଡ଼

### ଦୈନିକ ୨ ହଜାର ମେଟ୍ରିକ ଟନ୍ ପ୍ରକ୍ରିୟାକରଣ ଲକ୍ଷ୍ୟ

ବ୍ରହ୍ମପୁର,୫।୩(ସ୍ମୃତି ରଞ୍ଜନ ମହାଲିକ)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସହର ଉପକଣ୍ଠ ଚନ୍ଦନିଆ ପାହାଡରେ ସହରରୁ ଦୈନିକ ବାହାରୁଥିବା ଶହ ଶହ ମେଟ୍ରିକ ଟନ୍ ଆବର୍ଜନା ଗଦା ହୋଇ ରହିଛି। ସେଠାକାର ପରିବେଶ ଦୂଷିତ ହେବା ସହ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରୁଛନ୍ତି। ବିଭିନ୍ନ ମହଲରୁ ଅଭିଯୋଗ ପରେ ବର୍ତ୍ତମାନ ସେଠାରେ ଆବର୍ଜନା ପକାଇବାକୁ ବାରଣ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପାହାଡର ପୂର୍ବ ସୌନ୍ଦର୍ଯ୍ୟ ଫେରାଇବା ଲକ୍ଷ୍ୟରେ ବାୟୋ ମାଇନିଂ କାର୍ଯ୍ୟ ଜାରି ରଖିଛି। ପୂର୍ବରୁ ଏହି କାର୍ଯ୍ୟ ବନ୍ଦ ଥିଲା। ଏବେ ପୁଣି ଆରମ୍ଭ ହେବା ପରେ ଚନ୍ଦନିଆ ବର୍ଜ୍ୟମୁକ୍ତ ହେବା ଆଶା କରାଯାଉଛି। ବିଇଏମସି ପକ୍ଷରୁ ବର୍ତ୍ତମାନ ଏହି ବାୟୋ ମାଇନିଂ କାର୍ଯ୍ୟ ଘରୋଇ ସଂସ୍ଥା ଏମଜିଏସ ଇନଭାଇରନ ପ୍ରାଇଭେଟ ଲି ଦ୍ୱାରା ପରିଚାଳିତ ହେଉଛି।



ଚନ୍ଦନିଆ ପାହାଡ଼ରୁ ଆବର୍ଜନା କଢ଼ାଯାଉଛି।

ଉକ୍ତ ସଂସ୍ଥା ଦ୍ୱାରା ଆବର୍ଜନା ପୁନଃ ପ୍ରକ୍ରିୟାକରଣ ପାଇଁ ୨୦୨୪ ଜୁନରୁ ଅଗଷ୍ଟ ମାସ ଯାଏଁ ୩ ମାସିଆ ଚୁକ୍ତି ହୋଇଥିଲା। ଅବଧି ସରିଯିବା ପରେ ନିଗମ ପକ୍ଷରୁ ଅବଧି ବୃଦ୍ଧି କରାଯାଇ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଉକ୍ତ ପାହାଡର ୧୩.୧୫ଏକର ବିଶିଷ୍ଟ ଜାଗାରେ ବର୍ତ୍ତମାନ ୧.୫୨ଲକ୍ଷ ମେଟ୍ରିକ ଟନ୍ ଆବର୍ଜନା ରହିଛି। ୧୦ ବର୍ଷ ହେଲା ପଡିଥିବା ଆବର୍ଜନାକୁ ଉକ୍ତ ସଂସ୍ଥା ଦୈନିକ ୩୫୦ରୁ ୪୨୦ ମେଟ୍ରିକ ଟନ୍ ପ୍ରକ୍ରିୟାକରଣ କରୁଛି। ଆବର୍ଜନାରୁ ପ୍ଲାଷ୍ଟିକ, ଘର ମରାମତି ସମୟର ଇଟା, ପଥର, ଲୁହା ଓ ଅନ୍ୟାନ୍ୟ ସାମଗ୍ରୀକୁ ଅଲଗା କରାଯାଉଛି। ପ୍ଲାଷ୍ଟିକକୁ ପ୍ରକ୍ରିୟାକରଣ କରାଯାଇ ସିମେଣ୍ଟ କାରଖାନାକୁ ପଠାଯାଉଛି। ଘର ନିର୍ମାଣ ସାମଗ୍ରୀଗୁଡ଼ିକୁ ବିଇଏମସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଆଗାମୀ ଦିନରେ ଆବର୍ଜନାରୁ ଖତ ପ୍ରସ୍ତୁତ କରାଯିବା ଯୋଜନା ରହିଛି। ଚଳିତ ମାସରେ ସଂପୃକ୍ତ ସଂସ୍ଥାର ଚୁକ୍ତି ସରିବାକୁ ଥିବା ବେଳେ ଆଗାମୀ ଦିନରେ ପୁଣି ଥରେ ଟେଣ୍ଡର କରାଯିବ। ପାହାଡକୁ ଆସନ୍ତା ଅଗଷ୍ଟ ସୁଦ୍ଧା ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ ପାଇଁ ପ୍ରତ୍ୟହ ୨ ହଜାର ମେଟ୍ରିକ ଟନ ବର୍ଜ୍ୟ ପରିଚାଳନା ଲକ୍ଷ୍ୟ ରଖାଯାଇଛି ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏ ନେଇ ବିଇଏମସି ଡେପୁଟି କମିଶନରଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ: କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି ସହ ଉତ୍ସାହ ପ୍ରକାଶ କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୪୦ (୭୪୦.୩୦) ପଏଣ୍ଟ ବୃଦ୍ଧି ଘଟି ୭୩,୭୩୦ (୭୩,୭୩୦.୨୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୨୫୫ (୨୫୪.୬୫) ପଏଣ୍ଟ ବଢ଼ି ୨୨,୩୩୭ (୨୨,୩୩୭.୩୦) ଅଙ୍କରେ କାରବାର ଶେଷ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଶିବାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫ଜି କ୍ଷେତ୍ରରେ ଭାରତର ଦ୍ରୁତ ଅଭିବୃଦ୍ଧି

**ନୂଆଦିଲ୍ଲୀ,୫।୩**

କ୍ରମାଗତ ଭାବେ ଭାରତ ଟେଲିକମ୍ ସେବାରେ ରପ୍ତାନୀକରଣ ସାଙ୍ଗକୁ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଉଛି। ଏପରିକି ୫ଜି କ୍ଷେତ୍ରରେ ଭାରତର ଦ୍ରୁତ ଅଭିବୃଦ୍ଧି ଘଟିଛି ବୋଲି କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସ୍ପେନ୍‌ର ବାର୍ସିଲୋନାଠାରେ ଆୟୋଜିତ ମୋବାଇଲ ୱାର୍ଲଡ କଂଗ୍ରେସ (ଏମ୍‌ଡବ୍ଲ୍ୟୁସି) ୨୦୨୫ରେ ଯୋଗଦେଇ ଏଭଳି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ନିକଟରେ ଏମ୍‌ଡବ୍ଲ୍ୟୁସି-୨୦୨୫କୁ ପରିଦର୍ଶନ ସହ ମୋବାଇଲ ଓ ଟେଲି ଯୋଗାଯୋଗ କ୍ଷେତ୍ରର ସିଇଓମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ସେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ୫ଜି କ୍ଷେତ୍ରରେ ଭାରତର ଦ୍ରୁତ ଅଭିବୃଦ୍ଧି, ବିଶ୍ୱର ସବୁଠାରୁ ଶସ୍ତା ଡାଟା ମୂଲ୍ୟ, ସ୍ୱଦେଶୀ ୪ଜି/୫ଜି ସାଇବର ସୁରକ୍ଷା ପଦକ୍ଷେପ ପରି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।




ଏମ୍‌ଡବ୍ଲ୍ୟୁସିରେ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସମ୍ବୋଧିତ କରୁଛନ୍ତି।

ଭାରତର ଟେଲିକମ୍ କ୍ଷେତ୍ରରେ ବିପ୍ଲବ ଓ ଟେକ୍ ଗଭର୍ନାନ୍ସ କ୍ଷେତ୍ରରେ ପ୍ରତିବଦ୍ଧତା ନେଇ ଏହି ସମ୍ମିଳନୀ (ଏମ୍‌ଡବ୍ଲ୍ୟୁସି-୨୦୨୫)ରେ ଆଲୋଚନା କରାଯାଇଥିଲା। 'ଗ୍ଲୋବାଲ ଟେକ୍ ଗଭର୍ନାନ୍ସ: ରାଇଜିଂ ଟୁ ଦି ଚ୍ୟାଲେଞ୍ଜ' ଏବଂ 'ଆଣ୍ଡ ବାଲାନ୍ସିଂ ଇନୋଭେଶନ ଆଣ୍ଡ ରେଗୁଲେଶନ: ଗ୍ଲୋବାଲ ପରସ୍ପେକ୍ଟିଭସ ଅନ୍ ଟେଲିକମ୍ ପଲିସି' ଶୀର୍ଷକ ବିଷୟବସ୍ତୁ ଉପରେ ଆହୂତ ସ୍ୱତନ୍ତ୍ର ଅଧିବେଶନରେ ବିଭାଗୀୟ ମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ।

ଏହି ଅବସରରେ ଭାରତର ଟେକ୍ ଗଭର୍ନାନ୍ସ ପାଇଁ ନବୀନ ପ୍ରକ୍ରିୟା, ସମୂହତା, ସ୍ଥାୟିତ୍ୱ ଓ ବିଶ୍ୱାସ ଜରୁରୀ ବୋଲି ମନ୍ତ୍ରୀ କହିଥିଲେ। ଦେଶର ନାଗରିକଙ୍କ ସୁବିଧା ପାଇଁ କାମ କରୁଥିବା ଆଧାର ଓ ଭାରତ ନେଟ୍‌ର ସଫଳତା ଉପରେ ବିଭାଗୀୟ ମନ୍ତ୍ରୀ ଆଲୋକପାତ କରିଥିଲେ। ଭାରତର ନବୀନ ପ୍ରକ୍ରିୟା ଉପରେ ରହିଥିବା ଚାରିଟି ଦିଗ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସ୍ପେକ୍ଟ୍ରମ ପରିଚାଳନା, ବଜାର ସ୍ଥାୟିତ୍ୱ, ଟେଲିକମ୍ ନିୟମ, ଖାଉଟିଙ୍କ ଲାଗି ସାଇବର ସୁରକ୍ଷା ପରି ବିଭିନ୍ନ ଦିଗରେ ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ।

ସେହିଭଳି ଏମ୍‌ଡବ୍ଲ୍ୟୁସିରେ ଭାରତ ସରକାରଙ୍କ ଟେଲି କମ୍ୟୁନିକେଶନ ମନ୍ତ୍ରଣାଳୟର ସହଯୋଗକ୍ରମେ ଟେଲିକମ୍ ଇକ୍ୟୁପମେଣ୍ଟ ଆଣ୍ଡ ସର୍ଭିସେସ୍ ଏକ୍ସପୋର୍ଟ ପ୍ରମୋସନ କାଉନସିଲ (ଟିଇପିସି) ଦ୍ୱାରା କରାଯାଇଥିବା ଭାରତ ପାଭିଲିୟନକୁ ବିଭାଗୀୟ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ପାଭିଲିୟନରେ ହାର୍ଡୱେୟାର ଓ ସଫ୍ଟୱେର କ୍ଷେତ୍ରରେ ଭାରତର ବଛା ବଛା ୩୮ଟି ଟେଲିକମ୍ ଯନ୍ତ୍ରାଂଶ ପ୍ରସ୍ତୁତକାରୀ କମ୍ପାନୀ ଅଂଶଗ୍ରହଣ କରିଥିଲେ।

ସେହିପରି ଭାରତ ପାଭିଲିୟନ ଗସ୍ତ ଅବସରରେ ଭିଭିଡିଏନ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏଆଇ ପର୍ଯ୍ୟବସିତ ୱାଇଫାଇ-୭କୁ ବିଭାଗୀୟ ମନ୍ତ୍ରୀ ଲୋକାର୍ପଣ କରିଥିଲେ। ମେଟା, ଗୁଗୁଲ କ୍ଲାଉଡ୍ ପରି ବୁଥ୍‌କୁ ବି ମନ୍ତ୍ରୀ ପରିଦର୍ଶନ କରିଥିଲେ।


## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



### ଶିବାଂଶ ମଲ୍ଲିକ

ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏତିକି କାମନା ।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବାପା, ମା, ବଡ଼ବାପା, ବଡ଼ମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ, ମାମୁ, ମାଇଁ, ମଉସା, ମାଉସୀ ଏବଂ ବନ୍ଧୁ ପ୍ରିୟଜନ ବର୍ଗ ।

ଧ-୩୧୭୩



## ଅଧ୍ୟାପିକାଙ୍କ ଡକ୍ଟରେଟ୍ ଲାଭ



ଗବେଷିକା ରୋଜାଲିନ୍ ସ୍ୱାଇଁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନର ଦର୍ଶନଶାସ୍ତ୍ରରେ ସମ୍ମାନଜନକ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ "The Significance of Law of Karma in Indian Philosophy" ଅଟେ । ଡକ୍ଟର ରୋଜାଲିନ୍ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ରର ପ୍ରଫେସର ଡ. ରେଖା ଓଝାଙ୍କର ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି ପଶ୍ଚିମବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟ, ବେରୁନନ୍‌ପୁକୁରିଆ, ମଲ୍ଲିକପୁର, ବାରାସାତ୍, କଲିକତା-୧୨୬, ପଶ୍ଚିମବଙ୍ଗର ପ୍ରଫେସର ସବିତା ସାମନ୍ତଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର ରୋଜାଲିନ୍ ହେଉଛନ୍ତି ଭୁବନେଶ୍ୱରସ୍ଥିତ ସ୍ୱର୍ଗତ ମୁରଲୀଧର ସ୍ୱାଇଁ ଓ ଶ୍ରୀମତୀ ଲତିକା ମଞ୍ଜରୀ ସ୍ୱାଇଁଙ୍କର କନିଷ୍ଠ କନ୍ୟା ତଥା ଶ୍ରୀଯୁକ୍ତ ବଂଶୀଧର ସିଂହ ଓ ଶ୍ରୀମତୀ ବାସନ୍ତୀ ସିଂହଙ୍କର ଏକମାତ୍ର ପୁତ୍ରବଧୂ ଅଟନ୍ତି। ଡକ୍ଟର ରୋଜାଲିନ୍ ଆୟୁଷ ବିଭାଗରେ କାର୍ଯ୍ୟରତ। ମନୋଜ ସିଂହଙ୍କର ସହଧର୍ମିଣୀ ଅଟନ୍ତି, ଯାହାଙ୍କର ଏକାନ୍ତ ସହଯୋଗ ଓ ଉଦ୍ୟମରେ ସେ ଏହି ସଫଳତା ପାଇପାରିଛନ୍ତି। ତାଙ୍କର ଦୁଇ କନ୍ୟା (ଆଦିତ୍ରୀ ଓ ଶ୍ରୀନିକା), ଅନ୍ୟାନ୍ୟ ପରିବାରବର୍ଗ, ବନ୍ଧୁବର୍ଗଙ୍କୁ ତାଙ୍କ ସଫଳତା ପାଇଁ କୃତଜ୍ଞତା ଜ୍ଞାପନ କରୁଛନ୍ତି। ବର୍ତ୍ତମାନ ସେ ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ବାଲେଶ୍ୱରର ଦର୍ଶନ ବିଭାଗରେ ଅଧ୍ୟାପିକା ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତା ପଛରେ ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ମହୋଦୟ, ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀବୃନ୍ଦଙ୍କୁ କୃତଜ୍ଞତା ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ରୋଜାଲିନ୍ ସ୍ୱାଇଁଙ୍କୁ ସଫଳ ଡକ୍ଟରେଟ୍ ଲାଭ ଅବସରରେ ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ଧ-୩୧୬୭


# ନଥିଂର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୫।୩**

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ତଥା ନଥିଂର ନୂତନ ଉତ୍ପାଦ 'ଫୋନ୍ (୩ଏ) ସିରିଜ୍'ର ଅନାବରଣ ବୁଧବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ମଧ୍ୟମ ରେଞ୍ଜର ଫୋନ୍ ଲାଇନଅପ୍‌କୁ ଉନ୍ନତ ଜ୍ଞାନକୌଶଳ ଓ ବୈଶିଷ୍ଟ୍ୟ ସହ ବିକଶିତ କରାଯାଇଛି। ସେହିଭଳି ଫୋନ୍ (୩ଏ) ଏବଂ ଫୋନ (୩ଏ) ପ୍ରୋ ଉଭୟ ମଡେଲ ଏକ ଅଧିକ ସୁଦୃଢ଼ ଦୃଶ୍ୟ ଏବଂ ଅନୁଭବ ବହନ କରିଥାଏ। ଅପ୍‌ଗ୍ରେଡ୍ ହୋଇଥିବା ଗ୍ଲାସ୍ ବ୍ୟାକ୍ ପ୍ୟାନେଲ, ଆଭ୍ୟନ୍ତରୀଣ ଗଠନରେ ଉନ୍ନତ ସମତୁଲ୍ୟତା ଏବଂ ସମ୍ପୂର୍ଣ୍ଣ ଫିନିଶ୍ ସମୟରେ ପରିଷ୍କୃତ ଦୃଶ୍ୟ ବିବରଣୀ ଏବଂ ଉପାଦାନ ସହିତ ଫୋନ (୩ଏ) ସିରିଜ୍ ଏହାର ସ୍ଥାୟିତ୍ୱକୁ ଆଇପି୬୪ ରେଟିଂକୁ ମଧ ଅପ୍‌ଗ୍ରେଡ୍ କରିଛି। ସେହିପରି ଫୋନ୍ (୩ଏ) ୩ଟି ଆକର୍ଷଣୀୟ କଲର ଏବଂ ଫୋନ (୩ଏ) ପ୍ରୋ ୨ଟି ମନଲୋଭା ରଙ୍ଗରେ ଉପଲବ୍ଧ ହେଉଛି। ଅପରପକ୍ଷରେ ଏହି ସିରିଜରେ ସମସ୍ତ ପ୍ରକାର ସୁବିଧା ଓ ଫିଚର ସାମିଲ ରହିଥିଲାବେଳେ କ୍ୟାମେରା ଏବଂ କାର୍ଯ୍ୟଦକ୍ଷତାକୁ ବ୍ରାଣ୍ଡ ସର୍ବାଧିକ ଗୁରୁତ୍ୱ ଦେଇଛି। ଏପରିକି ବ୍ରାଣ୍ଡର ଅନ୍ୟତମ ସିରିଜ ଫୋନ୍ (୨ଏ) ର ଉଲ୍ଲେଖନୀୟ ସଫଳତା ଓ ଡିଜାଇନ ଉପରେ ଭରସାକରି କମ୍ପାନୀ ଏହି ସିରିଜକୁ ନିର୍ମାଣ କରିଛି। ବିଶେଷକରି ଏହା ଅପ୍ଟିକାଲ୍ ଜୁମ୍ ସହ ଏକ ଉନ୍ନତ ଟ୍ରିପଲ-କ୍ୟାମେରା ସିଷ୍ଟମ୍, ଶକ୍ତିଶାଳୀ ସ୍ନାପଡ୍ରାଗନ ପ୍ରୋସେସର ଓ ଉଜ୍ଜ୍ୱଳ, ଅଧିକ ପ୍ରତିକ୍ରିୟାଶୀଳ ଡିସ୍‌ପ୍ଲେ ଏବଂ ଦରକାରି ଜାଗା ପରି ନଥିଂ ଓଏସ୍ ନବସୃଜନକୁ ଅନ୍ତର୍ଭୁକ୍ତ କରାଇଛି।

# ସିଇଏଙ୍କ ଦ୍ୱାରା ଟାଟା ପାୱାର ଲାଇନ୍‌ମ୍ୟାନ୍ ସମ୍ମାନିତ

**ଭୁବନେଶ୍ୱର,୫।୩ (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ (ସିଇଏ)ଙ୍କ ନେତୃତ୍ୱରେ ଲାଇନ୍‌ମ୍ୟାନ୍ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟୁତ ସେବା କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ଓ ଯୋଗ ଦେଇଥିବା ସଂସ୍ଥା ଓ ଲାଇନ୍‌ମ୍ୟାନମାନଙ୍କୁ ସିଇଏ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ପାୱାର୍‌ର ଓଡିଶା ଏବଂ ଦିଲ୍ଲୀ ଡିସକମ୍‌ର ଲାଇନ୍‌ମ୍ୟାନମାନେ ସିଇଏଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏପରିକି ଏକ ବିଶେଷ ସ୍ୱୀକୃତି ବର୍ଗରେ ଉଚ୍ଚ ପ୍ରଦର୍ଶନ କରୁଥିବା କମ୍ପାନୀର ୪ ଡିସକମ୍ ଏବଂ ୫ ସର୍ବୋତ୍ତମ ଲାଇନମ୍ୟାନ୍‌ଙ୍କୁ ସମ୍ମାନିତ କରାଯାଇଛି। ସେହିଭଳି ପୁରସ୍କାରପ୍ରାପ୍ତ ଲାଇନ୍‌ମ୍ୟାନ୍‌ମାନଙ୍କ ମଧ୍ୟରେ ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍‌ର




ଲଡୁ କିଶୋର ପ୍ରଧାନଙ୍କୁ ସିଇଏ ଅଧିକାରୀ ପୁରସ୍କୃତ କରୁଛନ୍ତି।

ଲଡୁ କିଶୋର ପ୍ରଧାନ ଏବଂ ଟାଟା ପାୱାର-ଡିଡିଏଲ୍‌ର ଜୟ ହିନ୍ଦ ପ୍ରମୁଖ ସାମିଲ ଅଛନ୍ତି। ବିଦ୍ୟୁତ ବିତରଣ ଏବଂ ସେବା ବିଶ୍ୱସନୀୟତାରେ ଉଲ୍ଲେଖନୀୟ ଅବଦାନ ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ଲାଇନ୍‌ମ୍ୟାନ୍ ଦିବସ-୨୦୨୫ ଅବସରରେ ଡିସକମ ଓ ଲାଇନମ୍ୟାନମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବିଦ୍ୟୁତ ମନ୍ତ୍ରଣାଳୟର ସଚିବ ଏବଂ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣର ଅଧ୍ୟକ୍ଷ ଘନଶ୍ୟାମ ପ୍ରସାଦଙ୍କ ଉପସ୍ଥିତିରେ ଏହି ପେସାଦାରଙ୍କର ତ୍ୟାଗ ଉପରେ ଆଲୋକପାତକରାଯାଇଥିଲା,ଯେଉଁମାନେ ବହୁ ଲକ୍ଷ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ କରିବା ପାଇଁ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରିଥାନ୍ତି।

# ମିଶନ ୪ ମିଲିୟନର ଶୁଭାରମ୍ଭ

**ନୂଆଦିଲ୍ଲୀ,୫।୩**

ଆକ୍ସିସ ବ୍ୟାଙ୍କର ବହୁ ପ୍ରତିକ୍ଷୀତ କାର୍ଯ୍ୟକ୍ରମ 'ଅଭିଶରଣ ୨୦୨୫' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ବ୍ୟାଙ୍କର ଏନଜିଓ ସହଯୋଗୀ ଓ ଆକ୍ସିସ ଗ୍ରୁପର ନେତୃତ୍ୱ ଟିମର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଥିଲା। ଏଥିରେ କମ୍ପାନି ପକ୍ଷରୁ ଏହାର ସାମାଜିକ ପ୍ରଭାବ ସମ୍ପର୍କିତ 'ୱାନ ଆକ୍ସିସ ସିଏସଆର ଭିଜନ'କୁ ଉନ୍ମୋଚନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପକ୍ଷରୁ 'ମିସନ ୨ ମିଲିଅନ' ଅଭିଯାନର ସଫଳତା ପୂର୍ବକ ସମ୍ପାଦନକୁ ପାଳନ କରାଯାଇଥିଲା ଏବଂ 'ମିସନ ୪ ମିଲିଅନ'ର ଶୁଭାରମ୍ଭ କରାଯାଇଥିଲା। ଏହି ଅଭିଯାନରେ ଆଉ ୨ନିୟୁତ ଅନଗ୍ରସର ପରିବାରକୁ ସ୍ଥାୟୀ ଜୀବନଜୀବିକା, ଆର୍ଥିକ ସଶକ୍ତୀକରଣ ଓ ଦକ୍ଷତା ବିକାଶ ସୁବିଧା ପ୍ରଦାନ କରାଯିବ। ସେହିଭଳି ଅଭିଶରଣ ୨୦୨୫ରେ ଅତିଥି ଭାବେ ଆକ୍ସିସ ବ୍ୟାଙ୍କ ଫାଉଣ୍ଡେସନର ଅଧ୍ୟକ୍ଷ ଏସ ରାମାଦୋରାଇ, ଆକ୍ସିସ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୁନିଷ ଶାରଦା, ଗ୍ରୁପ ଏକଜିକ୍ୟୁଟିଭ-ଷ୍ଟ୍ରାଟେଜିକ ପ୍ରୋଗ୍ରାମ ଆଣ୍ଡ ସଷ୍ଟେନେବିଲିଟି ବିଜୟ ମୁଲବାଗଲ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୭୦ରୁ ଅଧିକ ଏନଜିଓ ସହଯୋଗୀଙ୍କ ବରିଷ୍ଠ ଅଧିକାରୀମାନେ ଭାଗ ନେଇଥିଲେ। ଏହା ବ୍ୟତୀତ ଏଚଏସବିସିର ଏମଡି ତଥା ଗ୍ଲୋବାଲ ହେଡ-ଫିଲାନଥ୍ରୋପି ଆଣ୍ଡ ସଷ୍ଟେନେବିଲିଟି ଆଲୋକା ମଜୁମଦାର, ଟାଟା ଟ୍ରଷ୍ଟର ଉପଦେଷ୍ଟା ତଥା ସର୍ଟର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଆନନ୍ଦ ବାଙ୍ଗ, ସେଲକୋ ଫାଉଣ୍ଡେସନର ସିଇଓ ହରିଶ ହାଣ୍ଡେ ଓ କେୟାରିଂ ଫ୍ରେଣ୍ଡସର ସହ ପ୍ରତିଷ୍ଠାତା ନିମେଶ ସୁମତି ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday

0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର Sum Hospital-2 ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ।**9090142564, 8018608500.** D-76243

Gated community triplex in Jaydurganagar, Bhubaneswar, 2.30 cores. Call- 8917520527. D-3174

**Gharabari plot sale near Sum Hospital-2, Trinath Bazar, Phulnakhara, 1250/- per sqft. Whatsapp: 9437011506, 6371462496.** D-3119

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125



FOR RENT

To-let for Office and Banking purposes Chandrasekharpur District Center. 9668089688, 9938014391. D-3097



Healthcare

Positively health benefited spa by expert therapist. 7750040475. D-76199

Newly open Jyoti spa positively health benefits (Expert therapist). 8458067955. D-76200

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 1st March 2025, I, Umme Salma, Address: At- Rangatota, P.O.- Nayahat, P.S.- Gop, Dist.- Puri, PIN- 752107 declare that I have changed my son's name from Sk Ayaan to Shaikh Ayaan. Henceforth, he shall be known as Shaikh Ayaan for all purposes.
Umme Salma D-3168

By virtue of an affidavit CF No.-01, date 04.03.2025 sworn before the Executive Magistrate, Sohela, I, Kiran Devi Agrawal, W/o- Deepesh Kumar Agrawal, R/o- Village/P.O./P.S.- Sohela, Dist.- Bargarh, Odisha, PIN- 768033 declare that I have changed my name from Kiran Agrawal to Kiran Devi Agrawal. Now onwards I shall be known as Kiran Devi Agrawal for all future purposes. D-3166

I, SAIBA SAHU, F/O Army No.- 4588879N SEP Budhia Sahu, Resident At. Gamundi, P.O.- Gamundi, Teh.- Bhanjanagar, Dist.- Ganjam, 761125 do hereby declare that in my Son Army Service Record my incorrect name is Saheb Sahu has been mistakenly mentioned whereas correct name is Saheb Sahu have changed my name to Saiba Sahu as per Affidavit No.- 05, dated- 12.02.2025. D-3160

By virtue of an affidavit sworn before Executive Magistrate, Puri, dated 04.03.2025, I Kalu Charana Barik, Address: At/ P.O.- Biraharekrushnapur, P.S.- Sadar, Dist.- Puri, Odisha, 752002, declare that I have changed my son's name from Som Barik to Subham Barik. Henceforth, he shall be known as Subham Barik for all purposes.
Kalu Charana Barik D-3161

By virtue of an affidavit sworn before Executive Magistrate, Balasore, on dated 28 Feb. 2025, Mrs. BAISHAKHI HAZRA, Address: At- Kashipur, P.O.- Betagadia, P.S.- Baliapal, Dist.- Balasore, Odisha, 756083 have changed my name from "BAISHAKHA MAJHI" to "BAISHAKHI HAZRA". Henceforth, she shall be known as "BAISHAKHI HAZRA" for all purposes.
BAISHAKHI HAZRA D-3163

By virtue of an affidavit sworn before the Executive Magistrate, Dharmasala, dated- 28.02.2025. I, Gita Singh, At/ P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my name from Gitanjali Singh to Gita Singh. Henceforth, I shall be known as Gita Singh for all future purposes.
(Gita Singh) D-3172

I, Deepti Mayee Sahu, Daughter of Hadibandhu Sahu, R/o. At- Sialbahali, P.O.- Ichhapur, Dist.- Subarnapur, PIN- 767023 hereby declare by an affidavit No.1129, date 28.02.2025 now onwards I shall be known as Dipti Mayee Sahu for all purposes. D-3171

I, Kirana Mayee Sahu, D/o- Nityananda Sahu, W/o- Chandrahasya Nayak, Vill- Bijegangadharpur, P.O.- Mouda, P.S.- Bhadrak(R), Dist.- Bhadrak, PIN- 756181, Odisha declare by this affidavit No. 475 dtd. 05.03.2025 that now onwards I shall be known as Kiran Mayee Sahu for all future purposes. D-3169

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit before the Executive Magistrate, Kantapada, Cuttack on 27.02.2025. I, Sejadi Bibi, W/o-Hafiz Mohammed, Village- Sisua, P.O.- Bairoi, P.S.- Olatpur, Dist.-Cuttack, Odisha do here by solemnly affirm that my Voter ID Card, Pan Card, Pass port Card name mentioned as Sejadi Bibi. But in Aadhaar Card name is mentioned as Sehajadi Bibi. So I shall be known as Sejadi Bibi for all purposes. D-3170

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



## ମନେ ପଡ଼ନ୍ତି

### ଦ୍ୱାଦଶାହ ଅବସରରେ



**ଏପୂର୍ଣ୍ଣିମା ଦାଶ**

କୁମାରୀ- ଧର୍ମଶାଳା, ଯାଜପୁର
ଆବିର୍ଭାବ: ୨୬।୧୨।୧୯୩୫
ତିରୋଧାନ: ୨୩।୦୨।୨୦୨୫

ତୁମ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:- ପ୍ରଶାନ୍ତ କୁମାର ଦାଶ, ଅମରେଶ, ପ୍ରଭାତ କୁମାର, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୩୧୫୯

### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏବିନୋଦିନୀ ଶତପଥୀ**

ବରିଷ୍ଠ ଶିକ୍ଷୟିତ୍ରୀ କେ.ପି. ହାଇସ୍କୁଲ ଗୋବିନ୍ଦପୁର, ଢେଙ୍କାନାଳ
ତିରୋଧାନ: ୨୦.୦୩.୨୦୧୩

ମରିମୁଁ ପାରୁନି ବଞ୍ଚିଛି କେବଳ ତୁମର ସ୍ମୃତିକୁ ନେଇ
କି ଲାଭ ପାଇଲ ବାଟ ମଝିଟାରେ ଏକୁଟିଆ ଛାଡ଼ିଦେଇ
ଜୀବନ ହାଟରେ କେତେ ଦହଗଞ୍ଜ ହେଉଅଛି ଦିନରାତି
ତୁମରି ବିଚ୍ଛେଦ ବଡଦୁର୍ବିସହ ଝୁରଇ ମୋ ପ୍ରାଣ ନିତି
ବାରବର୍ଷ ପୁରି ତେରବର୍ଷ ହେଲା ଚାଲିଗଲ ବହୁଦୂର
ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହଧାର

॥ଇତି॥ ତୁମର ହତଭାଗ୍ୟ ସ୍ୱାମୀ
ଶୁଭାଷ ଚନ୍ଦ୍ର ଶତପଥି
ଫୋନ ନଂ.: ୯୪୩୭୧୪୭୩୫୦

ଧ-୩୧୬୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏଡ. ଶାନ୍ତି ମିଶ୍ର**

ଆବିର୍ଭାବ : ୧୯.୦୭.୧୯୫୨
ତିରୋଧାନ:୨୪.୦୨.୨୦୨୫
ସ୍ୱାମୀ : ଲକ୍ଷ୍ମୀନାରାୟଣ ମିଶ୍ର
ଏମ୍-୬୧, ବରମୁଣ୍ଡା ହାଉସିଂବୋର୍ଡ କଲୋନି, ଭୁବନେଶ୍ୱର

ତୁମର ଅନାବିଳ ନିଷ୍କପଟ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ ଆଦର୍ଶ ଆମପାଇଁ ଚିର ସ୍ମରଣୀୟ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

: ଶୋକ ସନ୍ତପ୍ତ :
ପୁତ୍ର: ଜଗତ୍‌ଜ୍ୟୋତି, ଦେବଦ୍ୟୋତି
କନ୍ୟା: ମୈତ୍ରୀ, ଜ୍ୱାଇଁ:ଶିଲେନ୍
ପୁତ୍ରବଧୂ: ଅନୁପମା, ନାତି/ନାତୁଣୀ: ଶିସ୍ମନ୍, ସେଲଭି, ଶୁଭମ୍ ତଥା ପ୍ରିୟଜନ ମାନେ ।

ଧ-୭୧୦୮୨

### ୨୫ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରା**

ଲକ୍ଷ୍ମୀବଜାର, ଢେଙ୍କାନାଳ
ଭୂତପୂର୍ବ ଶାଖା ପରିଚାଳକ, ଏସ୍‌ବିଆଇ ବଇଣ୍ଡା, ଶାଖା
ଆବିର୍ଭାବ: ୧୬।୦୪।୧୯୪୫
ତିରୋଧାନ: ୦୬।୦୩।୨୦୦୦

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ । ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ପତ୍ନୀ: ଇଲା, ପରିବାର ଓ ଆତ୍ମୀୟସ୍ୱଜନ ।

ଧ-୭୫୪୯୪

